"ମିଠେ ବଚ୍ଚେ:- ମୁଁ ତୁମମାନଙ୍କ ପାଇଁ ସ୍□ର୍ଗ ଦୁନିଆ ହାତରେ ଧରି ଆସିଛି, ତୁମେମାନେ ମୋତେ ମନେ ପକାଅ ତେବେ ସ୍□ର୍ଗର ରାଜତ୍□ ମିଳିଯିବ ।"

ପ୍ରଶ୍ନ:- ଅବିନାଶୀ ଖୁସି କେଉଁ ପିଲାମାନଙ୍କ ଭିତରେ ନିରନ୍ତର ରହିପାରିବ?

ଉତ୍ତର:- ଯେଉଁମାନେ ବେହଦର ସନ୍ନ୍ୟାସ କରିଛନ୍ତି, ଅନ୍ୟ ସବୁ ସଙ୍ଗ ତୁଟାଇ ଜଣଙ୍କ ସହିତ ସମ୍ବନ୍ଧ ଯୋଡିଛନ୍ତି, ସେହିମାନେ ହିଁ ନିରନ୍ତର ଖୁସିରେ ରହିପାରିବେ । (୨) ଯିଏ ପିତାଙ୍କୁ ଅନୁକରଣ କରୁଛନ୍ତି, ଯାହାଙ୍କ ଭିତରେ ସେବାର ସଉକ ରହିଛି ତାଙ୍କର ଖୁସି କେବେ ହଜି ଯାଇପାରିବ ନାହିଁ ।

ଗୀତ:- ଛୋଡ ଭି ଦେ ଆକାଶ ସିଂହାସନ....

ଓମ୍ ଶାନ୍ତି । ମଧୁର ଆତ୍ମିକ ସନ୍ତାନଗଣ ଗୀତ ଶୁଣିଲେ । ଏକଥା କିଏ କହୁଛନ୍ତି? ବାବା ପିଲାମାନଙ୍କୁ କହୁଛନ୍ତି ଯେ ଗୀତ ଶୁଣିଲ? ଯେତେବେଳେ ଅତି ଦୁଃଖ ହୋଇଥାଏ ସେତେବେଳେ ହିଁ ବାବାଙ୍କୁ ଡାକିଥା'ନ୍ତି । ପିଲାମାନେ ଜାଣିଛନ୍ତି ଯେ ବାବା ହିଁ ସୁଖଧାମ ବା ପାବନ ଦୁନିଆ ରଚନା କରୁଛନ୍ତି ଅଥବା ଭଗବାନ ଭଗବତୀଙ୍କର ରାଜ୍ୟ ସ୍ଥାପନ କରୁଛନ୍ତି । ଭଗବାନ ଏବଂ ଭଗବତୀ ଯେପରି ସ୍□ର୍ଗର ମାଲିକ ଅଟନ୍ତି । ତୁମେମାନେ ଦେଖୁଛ ଯେ ଲକ୍ଷ୍ମୀ-ନାରାୟଣ କେତେ ଧନବାନ୍ ଥିଲେ, ତାଙ୍କର କେତେ ବଡ ରାଜଧାନୀ ଥିଲା । ସେମାନଙ୍କର ରାଜଧାନୀରେ କେବେ କୌଣସି ଉପଦ୍ରବ ହେଉ ନ ଥିଲା । ବାବା ପିଲାମାନଙ୍କୁ ଏହିପରି ସୁନ୍ଦର ବର୍ସା ଦେଉଛନ୍ତି ତେଣୁ ପିଲାମାନେ କେତେ ଖୁସିରେ ରହିବା ଉଚିତ୍ । କିନ୍ତୁ ପୁରୁଷାର୍ଥର କ୍ରମଅନୁସାରେ ତ ଖୁସିରେ ରହିବେ । କେହି-କେହି ତ ସମ୍ପୂର୍ଣ୍ଣ ଜ୍ଞାନ ଧାରଣ ନ କରିବା ଯୋଗୁଁ ନା ଲୌକିକରେ ଖୁସିରେ ରହୁଛନ୍ତି ନା ଅଲୌକିକ ଜୀବନରେ ଖୁସିରେ ରହୁଛନ୍ତି । ସେମାନଙ୍କୁ କୁହାଯାଏ ଦୁଇ କୂଳରୁ ଗଲେ କାହିଁକି ନା ବାବାଙ୍କଠାରୁ ବର୍ସା ନେଉ ନେଉ ଉନ୍ନତି ବଦଳରେ ଅବନତି କରୁଛନ୍ତି । ଦୁନିଆରେ ଏକଥା କେହି ଜାଣିନାହାଁନ୍ତି ଯେ ଭଗବାନ ଆସି ସ୍□ର୍ଗର ସ୍ଥାପନା କରୁଛନ୍ତି କାହିଁକି ନା ସିଏ ଗୁପ୍ତ ରୂପରେ ଆସୁଛନ୍ତି । କହୁଛନ୍ତି ନିଶ୍ଚୟ ଭଗବାନ ଏହି ସମୟରେ ଆସିବା ଦରକାର କାହିଁକି ନା ସମସ୍ତେ ଘୋର ଅନ୍ଧକାରରେ ଅଛନ୍ତି । ରାତ୍ରି ୧୨ଟା ବାଜିଲେ ଘୋର ଅନ୍ଧକାର କୁହାଯାଇଥାଏ । ରାତିରେ ଘୋର ଅନ୍ଧକାର, ଦିନରେ ଘୋର ଆଲୋକ ହୋଇଥାଏ । ପିଲାମାନେ ଜାଣିଛନ୍ତି ଯେ ଏବେ ଭକ୍ତିମାର୍ଗର ରାତ୍ରି ଶେଷ ହେଉଛି, ଯେଉଁଥିରେ ଦୁଃଖ ହିଁ ଦୁଃଖ ରହିଛି । ମନୁଷ୍ୟମାନେ ଭାବୁଛନ୍ତି ଯେ ଭକ୍ତି ପରେ ଭଗବାନ ମିଳିଥା'ନ୍ତି । ତୁମେମାନେ ଜାଣିଛ ଯେ - ବାବା ହିଁ ଆସି ଆମ ସମସ୍ତଙ୍କର ସଦ୍ଗତି କରୁଛନ୍ତି । ତୁମ ସନ୍ତାନମାନଙ୍କ ଭିତରେ ବି କ୍ରମାନୁସାରେ ନିଶ୍ଚୟ ଅଛନ୍ତି । କାହା କାହାର ତ ଖୁସିର ନିଶା ଚଢି ରହିଥାଏ । ଖୁସୀରେ ମେହନତ ମଧ୍ୟ କରିଥା'ନ୍ତି । ସେମାନଙ୍କର ସେବାର ସଉକ ରହିଥାଏ ଯେ କାହାକୁ ଯାଇ ବୁଝାଇବୁ, ସେଥିପାଇଁ ବାବା ପ୍ରଦର୍ଶନୀ, ମେଳାର ମଧ୍ୟ ବ୍ୟବସ୍ଥା କରୁଛନ୍ତି ଯେ ଅନ୍ୟମାନଙ୍କୁ ବୁଝାଇବା ଦ୍□ାରା ଖୁସିର ନିଶା ଚଢିଯିବ । ଏଠାରେ ଯାହାଙ୍କ ପାଖରେ ଧନ ଅଛି ସିଏ ଭାବୁଛନ୍ତି ଯେ ଆମେ ସ୍□ର୍ଗରେ ବସିଛୁ । ସେମାନଙ୍କ ପାଇଁ ଜ୍ଞାନ ଧାରଣ କରିବା ମୁସକିଲ୍ ଅଟେ । ସେଥିପାଇଁ ଗାୟନ ରହିଛି କୋଟିକରେ ଗୋଟିଏ ହିଁ ଏତେ ବୁଦ୍ଧିମାନ ହୋଇ ବାବାଙ୍କ ବର୍ସାର ଅଧିକାରୀ ହୋଇଥାନ୍ତି । ଫଲୋ ଫାଦର ଅର୍ଥାତ୍ ବାବାଙ୍କୁ ଅନୁକରଣ କରିବାର ଗାୟନ ରହିଛି । ତେଣୁ ବାବାଙ୍କର ଶ୍ରୀମତ ପାଳନ କରିବାକୁ ପଡିବ । ଯେଉଁମାନେ ଭଲ ଭାବରେ ଶ୍ରୀମତ ଆଧାରରେ ଚାଲୁଛନ୍ତି ସେମାନଙ୍କୁ ଅନୁସରଣ କରିବା ଦରକାର । ଯେପରି ଏହି ବ୍ରହ୍ମାବାବା ଭଲ ଭାବରେ ଚାଲୁଛନ୍ତି । ଲୌକିକ ସନ୍ତାନ ଆଜ୍ଞା ଅନୁସାରେ ନ ଚାଲିବାରୁ ବ୍ରହ୍ମାବାବା ତାଙ୍କୁ କହିଦେଲେ ତୁମେ ନିଜର ରାସ୍ତା ଦେଖ । ରାବଣର ମତରେ ଚାଲିଲାବାଲା ଏବଂ ରାମଙ୍କର ମତରେ ଚାଲିଲାବାଲା ଏକତ୍ର ରହିପାରିବେ ନାହିଁ ।

ତୁମେ ସନ୍ତାନମାନେ ବୁଝୁଛ ଯେ ଭାରତରେ ହିଁ ଆଦି ସନାତନ ଦେବୀ-ଦେବତା ଧର୍ମ ଥିଲା । ସେମାନେ ୮୪ ଜନ୍ମ ନେଇ ପତିତ ହୋଇଯାଇଛନ୍ତି, ସେଥିପାଇଁ ଡାକୁଛନ୍ତି ହେ ପତିତ-ପାବନ ଆସ । ଏବେ ତୁମେ ସନ୍ତାନମାନେ ଜାଣୁଛ ଯେ ବାକି ଅଳ୍ପ ଦିନ ଅଛି । ଦୈବୀ ରାଜଧାନୀ ସ୍ଥାପନ କରିବାରେ ସମୟ ତ ଲାଗିଥାଏ । ଏହା ହେଉଛି ଗୁପ୍ତ ।

ଏଥିରେ ଲଢେଇର କୌଣସି କଥା ନାହିଁ । ଏମିତି ନୁହେଁ ଯେ ଯୁଦ୍ଧ କରି କାହାଠାରୁ ରାଜ୍ୟ ନେଉଛନ୍ତି । ନାଁ, ଏଠାରେ ତ ବାବା ଆସି ରାଜାମାନଙ୍କର ରାଜା କରୁଛନ୍ତି । ଯେଉଁ ବାବାଙ୍କୁ ତୁମେ ଖ୍ୟାଦ କରୁଥିଲ ଯେ ହେ ଦୁଃଖହର୍ତ୍ତା ସୁଖକର୍ତ୍ତା ଆସ । ସନ୍ନ୍ୟାସୀ ଗୁରୁମାନେ କ'ଣ ଦୁଃଖହର୍ତ୍ତା ହୋଇପାରିବେ? ସେମାନଙ୍କର ହଦର ସନ୍ନ୍ୟାସ । ତୁମମାନଙ୍କର ହେଉଛି ବେହଦର ସନ୍ନ୍ୟାସ । ଏଥିରେ ବେହଦର ଖୁସି ରହିଥାଏ । ଏହି ଲକ୍ଷ୍ମୀ-ନାରାୟଣ ଭଗବତୀ-ଭଗବାନଙ୍କର ମଧ୍ୟ ବେହଦର ଖୁସି ରହିଛି ନା । ପତିତ ମନୁଷ୍ୟମାନଙ୍କୁ ତ ଯାହା ଆସିଲା ତାହା କହିଦେଉଛନ୍ତି । ତୁମେମାନେ ତ ଗୋଟିଏ-ଗୋଟିଏ ଅକ୍ଷର ଅର୍ଥ ସହିତ କହୁଛ । ନୂଆ ଦୁନିଆରେ ଗୋଟିଏ ହିଁ ଧର୍ମ ରହିବ । ତା'ର କାହା ସହିତ ବି ତୁଳନା କରାଯାଇ ପାରିବ ନାହିଁ । ପୁରୁଣା ଦୁନିଆରେ ତୁଳନା କରାଯାଇଥାଏ । ନୂଆ ଦୁନିଆରେ ଏକଥା ଜାଣି ନ ଥାନ୍ତି ଯେ ପୁରୁଣା ଦୁନିଆରେ କ'ଣ ହେବ । ସେଠାରେ ସବୁ କିଛି ଭୁଲିଯାଇଥାନ୍ତି । ଏଠାରେ ତୁମକୁ ସବୁ କିଛି ବତାଇ ଦିଆଯାଉଛି ଯେ ନୂଆ ଦୁନିଆ କେବେ ସ୍ଥାପନ ହେବ! ପୁରୁଣା ଦୁନିଆ କେବେ ବିନାଶ ହେବ! ତୁମ ପାଖରେ ସବୁ ଜ୍ଞାନ ରହିଛି । ଏବେ ତୁମମାନଙ୍କୁ ସ୍□ର୍ଗ ସ୍ଥାପନା କରିଲାବାଲା ବାବା ମିଳିଛନ୍ତି । ତେଣୁ ତାଙ୍କଠାରୁ ଭଲ ଭାବରେ ବର୍ସା ନେବା ଦରକାର । ବର୍ସା ମଧ୍ୟ ସେହିମାନଙ୍କୁ ମିଳିବ ଯେଉଁମାନେ କଳ୍ପ ପୂର୍ବରୁ ଭଲ ଭାବରେ ପୁରୁଷାର୍ଥ କରିଥିଲେ । ସେମାନଙ୍କ ମଧ୍ୟରେ ବି କ୍ରମାନୁସାରେ ରହିଛନ୍ତି । ଏହା ହେଉଛି କଣ୍ଟାର ଦୁନିଆ । ପ୍ରଥମ ନମ୍ବର କଣ୍ଟା ତ ସମସ୍ତଙ୍କ ଭିତରେ ହିଁ ରହିଛି । ପୁରୁଣା ଦୁନିଆ ବିକାରୀ, ନୂଆ ଦୁନିଆ ନିର୍ବିକାରୀ ହୋଇଥାଏ । ସ୍□ର୍ଗ କାହାକୁ କୁହାଯାଏ, ଏକଥା ବି କେହି ଜାଣିନାହାଁନ୍ତି । ଏହିପରି ଭାବେ ହିଁ କହିଦେଇଥାନ୍ତି ଯେ ଅମୁକ ସ୍□ର୍ଗବାସୀ ହେଲା । ଏଠାରେ ସ୍□ର୍ଗ କେଉଁଠି ଅଛି ଯେ ସ୍□ର୍ଗବାସୀ ହେଲେ ।

ତୁମେମାନେ ଜାଣିଛ ଯେ ସ୍□ର୍ଗ ମଧ୍ୟ ଏହି ଭାରତରେ ଥିଲା । ନର୍କ ବି ଭାରତରେ ଅଛି । ତେବେ ଏହି କଥାକୁ ଧରି କହୁଛନ୍ତି ଯେ ସ୍□ର୍ଗ ନର୍କ ଏହିଠାରେ ହିଁ ଅଛି । ଯାହାଙ୍କ ପାଖରେ ବହୁତ ଧନ ଅଛି ସିଏ ସ୍□ର୍ଗରେ ଅଛନ୍ତି । କିନ୍ତୁ ଏହିପରି ନୁହେଁ । ଭାରତ ଯେବେ ନୂଆ ଥିଲା ତେବେ ସତ୍ୟଯୁଗ ଥିଲା, ଯାହାକୁ ସ୍□ର୍ଗ କୁହାଯାଇଥାଏ । ଏବେ ଏହା ପତିତ ଦୁନିଆ ନର୍କ ଅଟେ । ଦୁନିଆ ତ ଗୋଟିଏ ହିଁ ଅଟେ । ନୂଆ ଦୁନିଆରେ ଲକ୍ଷ୍ମୀ-ନାରାୟଣଙ୍କର ରାଜ୍ୟ ଥିଲା । ପୁରୁଣା ଦୁନିଆରେ ରାବଣର ରାଜ୍ୟ ରହିଛି । ଭଗବାନୁବାଚ, ମୁଁ ତୁମମାନଙ୍କୁ ୮୪ ଜନ୍ମର ରହସ୍ୟ ବତାଉଛି । ଏହି ରାଜଯୋଗ ଦ୍□ାରା ତୁମକୁ ରାଜାମାନଙ୍କର ରାଜା ସ୍□ର୍ଗର ମାଲିକ କରୁଛି । ତେବେ ନର୍କର ନିଶ୍ଚୟ ବିନାଶ ହେବା ଦରକାର । ଗାସ୍ତର ଗୁଡିକରେ କୃଷ୍ଣଙ୍କର ନାମ ଲେଖି ଲଢେଇ ଆଦି ଦେଖାଇ ଦେଇଛନ୍ତି । ପାଣ୍ଡବମାନଙ୍କର ତ କୌଣସି ସେନା ନାହିଁ । ଆଜିକାଲି କନ୍ୟା, ମାତାମାନଙ୍କର ଦଳ ଗଢି ସେମାନଙ୍କୁ ବନ୍ଧୁକ ଚାଳନା ଆଦି ଶିଖାଉଛନ୍ତି । ଏଠାରେ ତୁମ ହାତରେ ବନ୍ଧୁକ ଆଦି କିଛି ନାହିଁ । ସେମାନଙ୍କୁ କ'ଣ ଜଣା ଯେ ଶିବଶକ୍ତି ସେନା କିଏ? ଶିବବାବା ତ କେବେ ହିଂସା କରାଇପାରିବେ ନାହିଁ । ଏଠାରେ ଲଢେଇର କୌଣସି କଥା ହିଁ ନାହିଁ । ତୁମେମାନେ ଜାଣିଛ ଯେ ଏହା ଶିବବାବାଙ୍କର ରୁହାନୀ ସେନା ଅଟେ । ଶିବବାବା ଆମମାନଙ୍କୁ ଡବଲ ଅହିଂସକ କରାଉଛନ୍ତି । ସେମାନଙ୍କୁ ୧୦୦ ଗତକଡା ଅହିଂସକ କୁହାଯାଉଛି । ଏଠାରେ ୧୦୦ ଗତକଡା ହିଂସା ରହିଛି । ଗୋଟିଏ ହିଁ ବମ୍ ଦ୍□ାରା କେତେ ଲୋକଙ୍କର ବିନାଶ କରି ଦେଉଛନ୍ତି । ବେହଦର ଅହିଂସା ଏବଂ ହିଂସା ମଧ୍ୟରେ କେତେ ଫରକ ରହିଛି । ତୁମେ ବର୍ତ୍ତମାନ ବେହଦର ସାଇଲେନ୍ସରେ ରହିଛ । ସେପଟେ ଯେତିକି ଲଢେଇର ପ୍ରସ୍ତୁତି ହୋଇ ଚାଲିଛି, ସେତିକି ଆବାଜ ବଢି ଚାଲିଛି । ବିନାଶ ସମୟରେ କେତେ ହଙ୍ଗାମା ହୋଇଥାଏ । ସ୍ଥାପନା ପାଇଁ ତୁମେମାନେ କେତେ ସାଇଲେନ୍ସରେ ବସିଛ । ଏଠାରେ ହିଂସାର କୌଣସି କଥା ହିଁ ନାହିଁ । ଏହା ତୁମର ବାସ୍ତବ ଜୀବନ ଅଟେ । ଯୋଗବଳ ଦ୍□ାରା ତୁମେମାନେ ବାବାଙ୍କଠାରୁ ବର୍ସା ପାଉଛ । ବାବା ଅଲଫଙ୍କୁ ଖ୍ୟାଦ କରିବା ଦ୍□ାରା ସ୍□ର୍ଗର ବାଦଶାହୀ ମିଳିଥାଏ, ଏହା କେତେ ସହଜ ଉପାୟ ଅଟେ । ବାବା କେତେ ପ୍ରିୟ ଅଟନ୍ତି । କେତେ ଦୂର ଦେଶରୁ ଆସୁଛନ୍ତି । ଯେପରି ବିଦେଶରୁ କାହାର ବାପା ଆସିଲେ ପିଲାମାନେ ବହୁତ ଖୁସି ହୋଇଥାନ୍ତି । ଜାଣିଥାନ୍ତି ଯେ ବାପା ଆମ ପାଇଁ ବିଦେଶରୁ ଭଲ-ଭଲ ଉପହାରମାନ ଆଣିଥିବେ । ଏହି ବେହଦର ବାବା ତ ଥରେ ମାତ୍ର ଆସୁଛନ୍ତି । କେଉଁ ପ୍ରକାରର ଉପହାର ନେଇ ଆସୁଛନ୍ତି? କହୁଛନ୍ତି ମୁଁ ତୁମ ପାଇଁ ହାତରେ ସ୍□ର୍ଗ ନେଇ ଆସୁଛି । ଯେପରି କହିଥା'ନ୍ତି ହନୁମାନ ସଞ୍ଜିବନୀ ବୁଟୀର ପାହାଡ ନେଇ ଆସିଥିଲେ । ଏବେ ପାହାଡ ତ କେହି ଉଠାଇ ପାରିବେ ନାହିଁ । ସେହିପରି ବାବା କହୁଛନ୍ତି ମୁଁ ହାତରେ ସ୍□ର୍ଗ ନେଇକରି ଆସିଛି । ସ୍□ର୍ଗକୁ କ'ଣ କେହି ହାତରେ ଉଠାଇପାରିବେ । ଏହା ତ ବୁଝିବାର କଥା । ପିଲାମାନେ ତ ଜାଣିଛନ୍ତି ଯେ ବାବା ଆମମାନଙ୍କ ପାଇଁ ନମ୍ବରୱାନ ଉପହାର ଆଣିଛନ୍ତି । ବାବା କହୁଛନ୍ତି - ମୁଁ ଆସିଛି ତୁମମାନଙ୍କୁ ପବିତ୍ର ଦୁନିଆର ମାଲିକ କରିବା ପାଇଁ, ତେବେ ସେଥିପାଇଁ ପବିତ୍ର

ହେବାକୁ ପଡିବ । ଏହା ରାଜଯୋଗ ଅଟେ ନା । ଭାରତର ପ୍ରାଚୀନ ରାଜଯୋଗ ଗୀତାର ଭଗବାନ ହିଁ ଶିଖାଇଥିଲେ ଏବଂ ରାଜତ୍□ ଦେଇଥିଲେ । ଏବେ ପୁଣି ରାଜଯୋଗ ଶିଖାଉଛନ୍ତି । ତୁମେମାନେ କହୁଛ ଆମେ ସ୍□ର୍ଗର ସ୍ଥାପନା କରିଲାବାଲା ବାବାଙ୍କର ସନ୍ତାନ ଅଟୁ, ବାବା ନୂଆ ଦୁନିଆ ସ୍ଥାପନ କରୁଛନ୍ତି, ତେବେ ନିଶ୍ଚୟ କାହାକୁ ତ ବାଦଶାହୀ ମିଳିଥିବ ନା । ଏପରି ନୁହେଁ ଯେ କେବଳ ସ୍□ର୍ଗରେ ରହିଲାବାଲାଙ୍କୁ ହିଁ ବାବା ଦେଇଥିବେ । ଅନ୍ୟ ସମସ୍ତଙ୍କୁ ବି ତ ବାବା ଦେଉଛନ୍ତି ନା । ବାକି ସମସ୍ତଙ୍କୁ ଡ୍ରାମା ଅନୁସାରେ ମୁକ୍ତିର ପାର୍ଟ ମିଳିଛି । ସମସ୍ତେ ମୁକ୍ତ ହୋଇଯାଉଛନ୍ତି । ଏକମାତ୍ର ବାବା ହିଁ ସମସ୍ତଙ୍କର ସଦ୍ଗତି ଦାତା ଅଟନ୍ତି, ଦ୍□ିତୀୟ କେହି ନୁହେଁ । ତୁମ ପାଖକୁ ପ୍ରଦର୍ଶନୀକୁ ଯେଉଁ ବଡ-ବଡ ଲୋକମାନେ ଆସୁଛନ୍ତି, ଯେଉଁମାନେ ମାନୁଛନ୍ତି କି ବାସ୍ତବରେ ଗୀତାର ଭଗବାନ ଶ୍ରୀକୃଷ୍ଣ ନୁହଁନ୍ତି, ଶିବ ଅଟନ୍ତି, ତେବେ ତାଙ୍କଠାରୁ ଲେଖାଇ ନେବା ଉଚିତ୍ । ବଡ ଲୋକମାନଙ୍କର କଥାକୁ ହିଁ ସମସ୍ତେ ଶୁଣିବେ । ଗରୀବମାନଙ୍କ କଥା ତ କେହି ଶୁଣିନଥା'ନ୍ତି । ସେଥିପାଇଁ ପ୍ରଦର୍ଶନୀରେ ଚେଷ୍ଟା କରି ଏହି କଥା ଲେଖାଇ ନିଅ ଯେ ଗୀତାର ଭଗବାନ ଏକ ହିଁ ଅଟନ୍ତି । ସିଏ ହେଲେ ସମସ୍ତଙ୍କର ପିତା । ଆଜିଠାରୁ ୫ ହଜାର ବର୍ଷ ପୂର୍ବରୁ ଭାରତ ସ୍□ର୍ଗ ଥିଲା, ସେହିଠାରେ ଲକ୍ଷ୍ମୀ-ନାରାୟଣଙ୍କର ରାଜ୍ୟ ଥିଲା । ଏବେ ତ ସାରା ବିଶ୍□ ଉପରେ ରାବଣର ରାଜ୍ୟ ଚାଲିଛି, ସିଏ ହିଁ ସମସ୍ତଙ୍କର ଶତ୍ରୁ ଅଟେ, ଯାହାକୁ ବର୍ଷ-ବର୍ଷ ଧରି ଜଳାଇ ଆସୁଛନ୍ତି । ତଥାପି ବି ସିଏ ମରୁନାହିଁ । ଏବେ ଭାରତର ସବୁଠାରୁ ବଡ ଶତ୍ରୁ ଏହି ରାବଣ ଅଟେ, ଏହି କଥା କେବଳ ତୁମେମାନେ ହିଁ ଜାଣିଛ । ଏବେ ପରମପିତା ପରମାତ୍ମା ରାମ ଆମକୁ ରାବଣ ଉପରେ ବିଜୟୀ କରାଉଛନ୍ତି । କହୁଛନ୍ତି ଯେ ମୋତେ ୟାଦ କର, ତେବେ ତୁମର ପାପ ନାଶ ହୋଇଯିବ । ତୁମେ ଯୋଗ୍ୟ ହୋଇଗଲେ ପୁଣି ତୁମ ପାଇଁ ନୂଆ ଦୁନିଆ ଦରକାର ନା । ନିଶ୍ଚୟ ଏହି ପୁରୁଣା ଦୁନିଆର ବିନାଶ ମଧ୍ୟ ହୋଇଥିଲା, ତାହା ପୁଣି ହେବ । ମହାଭାରତ ଲଢେଇ ସେତେବେଳେ ହିଁ ଲାଗିଥାଏ, ଯେତେବେଳେ ରାବଣ ରାଜ୍ୟର ବିନାଶ ହୋଇ ରାମରାଜ୍ୟର ସ୍ଥାପନା ହୋଇଥାଏ । ରାବଣ ରାଜ୍ୟରେ ହିଁ ହାହାକାର ଆରମ୍ଭ ହୋଇଥାଏ । ହାହାକାର ପରେ ଜୟଜୟକାର ହୋଇଥାଏ, ପୁଣି ଏହି ଦୁନିଆ ବଦଳିଥାଏ । ଯେପରି ପୁରୁଣା ଘର ଭାଙ୍ଗି ନୂଆ କରାଯାଇଥାଏ, ପୁଣି ତାକୁ ଭଙ୍ଗା ଯାଇଥାଏ, ସେହିପରି ଏହି ସ୍ଥାପନା ମଧ୍ୟ ହେଉଛି । ବମ୍ ଆଦି ତିଆରି କରି ହିଁ ଚାଲିଛନ୍ତି । ପ୍ରସ୍ତୁତି ହୋଇଚାଲିଛି । ଏବେ ଦଶହରା ଆସିଲା ତେବେ ରାବଣର ପିତୁଳା ମଧ୍ୟ ତିଆରି କଲେ । ତୁମର ହେଉଛି ବେହଦର କଥା । ତୁମର ବୁଦ୍ଧିରେ ଆସୁଛି ଯେ ଏମାନେ କ'ଣ କରୁଛନ୍ତି । ତୁମେ ଯେବେ ତାଙ୍କୁ ବୁଝାଇବ ତେବେ ସେମାନେ ବୁଝିବେ ଯେ ଆମେ ଏହା କ'ଣ କରୁଛୁ । ହସ ମଧ୍ୟ ଲାଗିବ । ତୁମେ କାହାକୁ ବି ବୁଝାଇପାରିବ - ଏତେ ବଡ ଆକୃତିର ରାବଣ ତ ହୋଇ ନ ଥାଏ । ଏବେ ବାବା କହୁଛନ୍ତି ତୁମେ ରାମରାଜ୍ୟ ନିଅ । ୫ ବିକାରର ଦାନ ଦେଇଦିଅ ତେବେ ଗ୍ରହଣ ଛାଡିଯିବ । ବାବା ଆସି ବୁଝାଉଛନ୍ତି ଯେ ଏହି ୫ ବିକାରର ଗ୍ରହଣ ସାରା ଦୁନିଆରେ ଲାଗିଛି । ବିଲ୍କୁଲ୍ ହିଁ କଳା ହୋଇଯାଇଛନ୍ତି । ତୁମେମାନେ ତ ଅସରନ୍ତି ଖୁସିରେ ରହିବା ଦରକାର । ବାକି ଆଉ ଅଳ୍ପ ଦିନ ଅଛି ।

ତୁମେମାନେ ଏବେ ସ୍ରଷ୍ଟା, ନିର୍ଦ୍ଦେଶକ, ମୁଖ୍ୟ ଅଭିନେତା, ଡ୍ରାମାର ଆଦି ମଧ୍ୟ ଅନ୍ତକୁ ଜାଣିଛ, ଆଉ କେହି ଏହା ଜାଣିନାହାଁନ୍ତି । ତୁମର ଏବେ ସ୍□ଚ୍ଛ ବୁଦ୍ଧି ହୋଇଛି । ତୁମେ ବର୍ତ୍ତମାନ ବାବାଙ୍କର ହୋଇଛ ତେବେ ନିଶ୍ଚୟ ତୁମକୁ ସ୍□ର୍ଗକୁ ପଠାଇଦେବେ । ଜ୍ଞାନକୁ ରୋଜଗାରର ଉତ୍ସ ବୋଲି କୁହାଯାଇଥାଏ । ଏହା ହେଉଛି ରୁହାନୀ ଜ୍ଞାନ, ଯାହାକି ବାବା ହିଁ ଦେଉଛନ୍ତି । ମନୁଷ୍ୟ, ମନୁଷ୍ୟକୁ ଏହି ଜ୍ଞାନ ଦେଇ ପାରିବେ ନାହିଁ । ଦୁନିଆରେ ସବୁ ମନୁଷ୍ୟ, ମନୁଷ୍ୟମାନଙ୍କୁ ହିଁ ଜ୍ଞାନ ଦେଇଥାନ୍ତି । ତୁମକୁ ତ ପରମପିତା ପରମାତ୍ମା ଆସି ଜ୍ଞାନ ଦେଉଛନ୍ତି । ବାକି ସବୁ ହେଉଛି ଭକ୍ତିମାର୍ଗର ମନଗଢାକଥା । ସତ୍ୟ ନାରାୟଣଙ୍କର କଥା, ରାମାୟଣର କଥା.... ଯାହା ସବୁ ଅତୀତ ହୋଇଯାଇଛି ସେଥିରୁ କିଛି ନା କିଛି ତିଆରି କରିଚାଲିଛନ୍ତି । ଏହା ତ ହେଉଛି ପାଠପଢା । ପାଠପଢାରେ ଇତିହାସ-ଭୂଗୋଳ ପଢାଯାଇଥାଏ । ଏହା ବେହଦ ବିଶ୍□ର ଇତିହାସ ଭୂଗୋଳ ଅଟେ । ତୁମେ ବୁଝାଉଛ ଯେ ବାବା ୫ ହଜାର ବର୍ଷ ପୂର୍ବରୁ ମଧ୍ୟ କହିଥିଲେ କିନ୍ତୁ ସେହି ଗୀତା ପଢିଲାବାଲା କିଛି ହେଲେ ବୁଝୁ ନାହାଁନ୍ତି । ଯାଦବ, କୌରବ, ପାଣ୍ଡବ କେଉଁମାନଙ୍କୁ କୁହାଯାଉଛି - ଏହା ବାସ୍ତବରେ ତୁମେ ଦେଖୁଛ । ଯୁଗୋପବାସୀ ଯାଦବମାନେ ପରମାଣୁ ଅସ୍ତ୍ର ବାହାର କରିଥିଲେ, ତା'ପରେ ବିନାଶ ହେଲା । ବିନାଶ ପରେ କ'ଣ ହେଲା, ସେସବୁ କିଛି ଦେଖାଉ ନାହାଁନ୍ତି । ସେମାନେ ଭାବୁଛନ୍ତି ପ୍ରଳୟ ହୋଇଗଲା । ସେମାନେ ପଚାରୁଛନ୍ତି ତୁମେମାନେ ଶାସ୍ତ୍ରକୁ ମାନୁଛ? କୁହ ହଁ, କୁହ ଆମେ ଶାସ୍ତ୍ରକୁ ଜାଣିଛୁ, ମାନୁଛୁ - ଏସବୁ ଭକ୍ତିମାର୍ଗର କଥା ଅଟେ । ଜ୍ଞାନ ତ ଏକମାତ୍ର ବାବା ହିଁ ଶୁଣାଉଛନ୍ତି, ଯିଏକି ଜ୍ଞାନର ସାଗର ଅଟନ୍ତି । ଏବେ ଭକ୍ତି ଶେଷ ହୋଇ ଜ୍ଞାନ ଜିନ୍ଦାବାଦ ହେଉଛି । ପୁରୁଣା

ଦୁନିଆର ବିନାଶ ସମ୍ମୁଖରେ ଉପସ୍ଥିତ, ନଥିଙ୍ଗ୍ ନ୍ୟୁ ଅର୍ଥାତ୍ ଏସବୁ କିଛି ନୂଆ କଥା ନୁହେଁ । ଆମର ପ୍ରୀତି ବାବାଙ୍କ ସହିତ ରହିଛି । ଆମେ ସବୁ ସଙ୍ଗ ତୁଟାଇ ଜଣଙ୍କ ସହିତ ସମ୍ବନ୍ଧ ଯୋଡୁଛୁ । ବାବା କହୁଛନ୍ତି - ନିଜକୁ ଆତ୍ମା ମନେ କରି ମୋ ସହିତ ଯୋଗ ଲଗାଅ - ଏହାକୁ ହିଁ ଭାରତର ପ୍ରାଚୀନ ଯୋଗ କୁହାଯାଇଥାଏ, ଯାହାକୁ ବାବା ହିଁ ଶିଖାଉଛନ୍ତି । କୃଷ୍ଣଙ୍କର ଆତ୍ମା ମଧ୍ୟ ବର୍ତ୍ତମାନ ସମୟରେ ଅନ୍ତିମ ଜନ୍ମରେ ଅଛନ୍ତି, ଏହା ତୁମର ବହୁତ ଜନ୍ମର ଅନ୍ତିମ ଜନ୍ମ ଅଟେ । ସେଥିପାଇଁ ମୁଁ ଏହାଙ୍କ ଶରୀରରେ ପ୍ରବେଶ କରିଛି । ମୁଁ ଏହାଙ୍କର ଶରୀରରେ ବସି ତୁମମାନଙ୍କୁ ବ୍ରହ୍ମା ମୁଖବଂଶାବଳୀ କରି ରାଜ୍ୟ ଭାଗ୍ୟ ଦେଉଛି । ଏକଥା ବାବାଙ୍କ ବିନା ଆଉ କେହି କହିପାରିବେ ନାହିଁ । ଏକଥା ତ ବାବା ନିଜେ ଏହି ମୁଖ ଦ୍ୱାରା ଶୁଣାଉଛନ୍ତି । ଏହି ବ୍ରହ୍ମାବାବା ମଧ୍ୟ ଆଗରୁ କିଛି ଜାଣି ନ ଥିଲେ, ତୁମେମାନେ ବି କିଛି ଜାଣି ନ ଥିଲ । ଏକଥା ଭାରତବାସୀମାନଙ୍କୁ ହିଁ ବୁଝାଇବାକୁ ହେବ । ୮୪ ଜନ୍ମର ଚକ୍ର କିପରି ଘୂରୁଛି, ଏହା ସେହି ଲଢେଇ ଯାହାକି ସମ୍ମୁଖରେ ଉପସ୍ଥିତ ଅଛି, ଯାହା ଦ୍ୱାରା ସ୍ୱର୍ଗର ଦ୍ୱାର ଖୋଲିଥିଲା । ଯେତେବେଳେ କି ବାବା ଆସି ରାଜଯୋଗ ଶିଖାଇ ମନୁଷ୍ୟମାନଙ୍କୁ ଦେବତା କରିଥିଲେ । ଆଚ୍ଛା—

ମିଠା ମିଠା ସିକିଲଧେ ସନ୍ତାନମାନଙ୍କ ପ୍ରତି ମାତା-ପିତା, ବାପଦାଦାଙ୍କର ମଧୁର ସ୍ନେହଭରା ସ୍ମୃତି ଏବଂ ସୁପ୍ରଭାତ । ଆତ୍ମିକ ପିତାଙ୍କର ଆତ୍ମିକ ସନ୍ତାନମାନଙ୍କୁ ନମସ୍ତେ ।

ଧାରଣା ପାଇଁ ମୁଖ୍ୟ ସାର :—

(୧) ଯେଉଁମାନେ ଠିକ୍ ଭାବରେ ଶ୍ରୀମତରେ ଚାଲୁଛନ୍ତି, ସେମାନଙ୍କୁ ଅନୁକରଣ କରିବାକୁ ହେବ । ବେହଦର ଖୁସିରେ ରହିବା ପାଇଁ ନିଜ ସମାନ କରିବାର ସେବା କରିବାକୁ ହେବ ।

(୨) ପ୍ରୀତି ବୁଦ୍ଧି ହୋଇ ଅନ୍ୟ ସବୁ ସଙ୍ଗ ତୁଟାଇ ବୁଦ୍ଧିକୁ ଏକମାତ୍ର ବାବାଙ୍କ ସହିତ ଯୋଡିବାକୁ ହେବ । ଡବଲ ଅହିଂସକ ହୋଇ ଶାନ୍ତିରେ ରହି ନିଜ ପାଇଁ ରାଜତ୍ୱ ସ୍ଥାପନ କରିବାକୁ ହେବ ।

ବରଦାନ:- ତ୍ୟାଗ ଏବଂ ତପସ୍ୟା ଦ୍ୱାରା ସେବାରେ ସଫଳତା ପ୍ରାପ୍ତ କରୁଥିବା ସଚ୍ଚା ସେବାଧାରୀ ଭବ ।

ସେବାରେ ସଫଳତା ପ୍ରାପ୍ତ କରିବାର ମୁଖ୍ୟ ଆଧାର ହେଲା ତ୍ୟାଗ ଏବଂ ତପସ୍ୟା । ତ୍ୟାଗ ଅର୍ଥାତ୍ ମନର ସଂକଳ୍ପ ଦ୍ୱାରା ମଧ୍ୟ ତ୍ୟାଗ, କୌଣସି ବି ପରିସ୍ଥିତି କାରଣରୁ, ମର୍ଯ୍ୟାଦା କାରଣରୁ, ବାଧ୍ୟ ହୋଇ ତ୍ୟାଗ କରିବା - ଏହା ପ୍ରକୃତ ତ୍ୟାଗ ନୁହେଁ କିନ୍ତୁ ଜ୍ଞାନ ସ୍ୱରୂପ ସ୍ଥିତି ଦ୍ୱାରା, ସଂକଳ୍ପରେ ମଧ୍ୟ ତ୍ୟାଗୀ ହୁଅ ଏବଂ ତପସ୍ୱୀ ଅର୍ଥାତ୍ ସର୍ବଦା ବାବାଙ୍କର ଲଗନରେ ଲବଲୀନ ଅବସ୍ଥା । ଜ୍ଞାନ, ପ୍ରେମ, ଆନନ୍ଦ, ସୁଖ ଏବଂ ଶାନ୍ତିର ସାଗରରେ ବୁଡି ରହିବାର ଅବସ୍ଥା । ଏହିଭଳି ତ୍ୟାଗୀ ତପସ୍ୱୀ ଆତ୍ମାମାନେ ହିଁ ସେବାରେ ସଫଳତା ପ୍ରାପ୍ତ କରୁଥିବା ସଚ୍ଚା ସେବାଧାରୀ ଅଟନ୍ତି ।

ସ୍ଲୋଗାନ:- ନିଜର ତପସ୍ୟା ଦ୍ୱାରା ଶାନ୍ତିର ପ୍ରକମ୍ପନ ବିଚ୍ଛୁରିତ କରିବା ହିଁ ବିଶ୍ୱ ସେବାଧାରୀ ହେବା ।

*** ଓମ୍ ଶାନ୍ତି ***

ଅବ୍ୟକ୍ତ ଇଶାରା:- ବ୍ରହ୍ମାବାବାଙ୍କ ସମାନ ସମ୍ପନ୍ନ ଏବଂ ସମ୍ପୂର୍ଣ୍ଣ ସ୍ଥିତିର ଅନୁଭବ କର ।

ତୁମଭଳି ସମ୍ପୂର୍ଣ୍ଣ ଆତ୍ମାମାନଙ୍କର ଅନ୍ତିମ ବାହନ ହେଲା କର୍ମ ବନ୍ଧନମୁକ୍ତ, କର୍ମାତୀତ ସ୍ଥିତି । ଏହିଭଳି ସ୍ଥିତି ତିଆରି କରିବା ପାଇଁ ହେଲେ ବ୍ରହ୍ମାବାବାଙ୍କ ସମାନ ସବୁ ପ୍ରକାରର ସୀମା ବା ବନ୍ଧନ ଉପରେ ବିଜୟ ପ୍ରାପ୍ତ କରୁଥିବା ବିଜୟୀ ରତ୍ନ ହୁଅ, ତେବେ ଯାଇ ଅନ୍ତିମ କର୍ମାତୀତ ସ୍ୱରୂପର ଅନୁଭବୀ ହୋଇପାରିବ । ଅନେକ ପ୍ରକାରର ବନ୍ଧନ ଅର୍ଥାତ୍ ଅନେକ ମୋ'ର ମୋ'ର । ଯେତେବେଳେ ମୁଁ ଏବଂ ମୋ'ର, ତୁ ଏବଂ ତୋ'ର... ଏହି ଚାରୋଟି ଶବ୍ଦ ଏକମାତ୍ର ବାବା ଶବ୍ଦ ଭିତରେ ସମାହିତ ହୋଇଯିବ ସେତେବେଳେ ଯାଇ ସମ୍ପୂର୍ଣ୍ଣତା ପାଖକୁ ଆସିବ ।